# ମୋ ଗାଁ ମୋର ଗୌରବ



## ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା

# କାର୍ପ ମାଛ ଚାଷ

**କାର୍ପ ଜାତୀୟ ମାଛ:** ଭାକୁର, ରୋହୀ, ମିରିକାଳି, ରୂପାପେଟି, ଦଳଖାଇ ଓ ବିଲାତିରୋହୀ ।

**ନୂଆ ପୋଖରୀର ପ୍ରସ୍ତୁତି:**

ପୋଖରୀ ଆକାର ୦.୫ ଏକରରୁ ଅଧିକ ଓ ପାଣି ଗଭୀରତା-୧.୫ରୁ ୨.୦ ମି. ହେବା ଉଚିତ୍ । ସର୍ବପ୍ରଥମେ ପୋଖରୀର ମାଟି ଓ ପାଣି ପରୀକ୍ଷା କରିନେବା ଭଲ । ନୂଆ ପୋଖରୀରେ ଏକ ଫୁଟ୍ ପର୍ଯ୍ୟନ୍ତ ପାଣି ପୁରାଇ ଏକର ପ୍ରତି ୧୨ କ୍ୱିଣ୍ଟାଲ କଞ୍ଚା ଗୋବର ଚାରିଆଡେ ସମାନ ଭାବରେ ପକାଯିବ । ସୁବିଧା ଥିଲେ ପୋଖରୀରେ ମହି ଚଲାଇ ଗୋବରକୁ ପାଣି ସହ ମିଶାଇ ଦେଲେ ମାଟିର ପାଣି ଧରି ରଖିବା ଶକ୍ତି ବଢିଥାଏ । ପରେ ପୋଖରୀରେ ଦରକାର ମୁତାବକ (୨.୦ ରୁ ୨.୫ ମି.) ପାଣି ପଶାଯାଏ । ୪-୫ ଦିନ ପରେ ଏକର ପ୍ରତି ୨୦୦ କି.ଗ୍ରା. ହିସାବରେ ପଥର ଚୂନକୁ ଅଳ୍ପ ପାଣି ସିଞ୍ଚିକରି ଘାଣ୍ଟିଲା ପରେ ଗୁଣ୍ଡ ଚୂନକୁ ପୋଖରୀରେ ସମାନ ଭାବରେ ପକାଯାଏ । ପୋଖରୀ ର ତଳ ମାଟିର ପି.ଏଚ୍ ୬.୦ କମ୍ ଥିଲେ ଅଧିକ ଚୂନ ପକାଯାଏ । ୩-୪ ଦିନ ପରେ ପାଖରେ ଥିବା କୌଣସି ପୁରୁଣା ପୋଖରୀରୁ ଦୁଇ ତିନି ବାଲଟି ପ୍ଲାଙ୍କଟନ୍ ଛାଣିକରି ଆଣି ପୋଖରୀରେ ପକାଯଏ ଓ ତା'ପରେ ସାର ପକାଯାଏ ।

**ପୁରୁଣା ପୋଖରୀ ପ୍ରସ୍ତୁତି:**

ବର୍ଷଯାକ ପାଣି ରହୁଥିବା ପୋଖରୀ ରେ ପ୍ରଥମେ ଦଳ ଦମନ କରାଯାଏ । ବିଭିନ୍ନ ପ୍ରକାରର ରାସାୟନିକ ଉପାୟ ରହିଥିଲେ ମଧ୍ୟ ସାଧାରଣତଃ ଲୋକ ଲଗାଇ ଦଳ ବାହାର କରିଲେ ଚାଷ ପାଇଁ ଅଧିକ ସମୟ ମିଳିଥାଏ । ପୋଖରୀରେ ଥିବା ପୁରୁଣା ବଡ ମାଛ ଓ ଶିକାରୀ ମାଛ ବାହାର କରିବା ପାଇଁ ନିମ୍ନଲିଖିତ ଉପାୟରୁ ଯେକୌଣସି ଏକ ଉପାୟ ବ୍ୟବହାର କରାଯାଇ ପାରିବ ।

(କ) ମହୁଲ ପଡିଆ ୧୦୦୦ କି.ଗ୍ରା/ଏକର/ ୧ ମିଟର ଗଭୀର ପାଣି (ଖ) ବ୍ଲିଚିଙ୍ଗ ପାଉଡର (୨୦% କ୍ଲୋରିନ୍) ୨୦୦ କି.ଗ୍ରା/ଏକର/ ୧ ମିଟର ଗଭୀର ପାଣି (ଗ) ପ୍ରଥମେ ୟୁରିଆ ୪୦ କି.ଗ୍ରା/ଏକର/ ୧ ମି. ଗଭୀର ପାଣି ଓ ୧୮ ଘଣ୍ଟା ପରେ ବ୍ଲିଚିଙ୍ଗ ପାଉଡର ୭୦ କି.ଗ୍ରା/ଏକର/ ୧ ମି. ଗଭୀର ପାଣି ହିସାବରେ ପକାଯାଏ । ବ୍ଲିଚିଙ୍ଗ ପାଉଡର ବା ମହୁଲ ପିଡିଆ ପକାଇବାର ୧୨ ରୁ ୧୫ ଦିନ ପରେ ମାଛ ଛାଡହେବ । ହାତରେ ଗ୍ଲୋବ୍ସ ତଥା ଆଖିକୁ ବଞ୍ଚାଇ ବ୍ଲିଚିଙ୍ଗ୍ ପାଉଡର ପକାଇବା ଉଚିତ୍ ।

**ପୋଖରୀରେ ସାର ପ୍ରୟୋଗ :**

କାର୍ପ ମାଛ ଚାଷ ପାଇଁ ପୋଖରୀରେ ପ୍ଲାଙ୍କଟନ୍ ପର୍ଯ୍ୟାପ୍ତ ପରିମାଣରେ ବଢାଇବା ଉଚିତ୍ । ମାଛ ଛାଡିବା ପୂର୍ବରୁ ପୋଖରୀ ପାଣିର ସ୍ୱଚ୍ଛତା ୨୫ ରୁ ୩୫ ସେ.ମି. ରହିବା ଉଚିତ୍ । ସାଧାରଣତଃ ନିମ୍ନଲିଖିତ ପ୍ରଣାଳୀରେ ଜୈବିକ ଓ ରାସାୟନିକ ସାର ଏକ ସପ୍ତାହ ଅନ୍ତରରେ ଥରକୁ ଥର ପୋଖରୀରେ ପକାଯାଏ । ନିୟମିତ ବ୍ୟବଧାନରେ ପକାଇଲେ ଏହି ସ୍ୱଚ୍ଛତା ସବୁଦିନ ରହିଥାଏ ।

**ଜୈବିକ ସାର :** ଗୋବର ୮୦ କି.ଗ୍ରା/ଏକର ବା କୁକୁଡା ଖତ ୨୫ କି.ଗ୍ରା/ଏକର

**ରାସାୟନିକ ସାର :** ୟୁରିଆ ୪ କି.ଗ୍ରା ଓ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ୬ କି.ଗ୍ରା/ଏକର/ଏକ ମିଟର ଗଭୀର ପାଣି

**ଜାଆଁଳର ଆକାର:**

ସାଧାରଣତଃ ଅଙ୍ଗୁଳିକା ବା ତା'ଠାରୁ ଅଧିକ ଆକର ଯାଆଁଳ ଛାଡିଲେ ବଡମାଛ ଆମଦାନୀ ଶ୍ରୀଘ୍ର ହୋଇଥାଏ । ଆଜିକାଲି ୧୦୦ ରୁ ୩୦୦ ଗ୍ରାମ୍ ପର୍ଯ୍ୟନ୍ତ ଯାଆଁଳ ବ୍ୟବହାର କରି ୪ ରୁ ୬ ମାସ ଭିତରେ ମଧ୍ୟ ମାଛ ଆମଦାନୀ କରାଯାଇ ପାରୁଛି ।

**ବଡମାଛ ଚାଷ ପ୍ରଣାଳୀ :**

(କ) 'ଥରେ ଯାଆଁଳ ଛାଡିବା ଓ ଥରେ ମାଛ ଧରିବା': ଏକର ପିଛା ୩,୦୦୦-୪,୦୦୦ ଯାଆଁଳ ଛଡାଯିବ ଓ ଏକ ବର୍ଷ ଚାଷ ବା ବିକ୍ରୀ ପାଇଁ ଉଦ୍ଦିଷ୍ଟ ଆକାର ପହଞ୍ଚିବା ପରେ ମାଛ ଧରାଯାଏ ।

(ଖ) ‘ଥରେ ଯାଆଁଳ ଛାଡିବା ଓ ଏକାଧିକ ଥର ମାଛ ଧରିବା’: ଏହି ପ୍ରଣାଳୀରେ ‘କ’ ପ୍ରଣାଳୀ ର ୧.୫ ରୁ ୨.୦ ଗୁଣ ଯାଆଁଳ ଛଡାଯାଏ । ୬ ମାସ ଚାଷ ପରେ ପାଖାପାଖି ୮୦% ମାଛ ବଞ୍ଚିଥାନ୍ତି, ଯେଉଁଥିରେ ଅଧା ମାଛ ଧରି ନିଆଯାଏ ଓ ବାକି ମାଛ ର ଚାଷକୁ ଆଗକୁ ବଢାଯାଏ । ରହିଥିବା ମାଛକୁ ପରବର୍ତ୍ତୀ ୬ ମାସରେ ପ୍ରତି ମାସକୁ ବା ଦୁଇ ମାସକୁ ଥରେ ସମାନ ଭାବରେ ଧରାଯାଏ । ଏହାକଲେ ପ୍ରତି ଏକର ପୋଖରୀର ବର୍ଷ୍ପ୍ରତି ସମୁହ ମାଛ ଆମଦାନୀର ପରିମାଣ ବଢିଥାଏ ।

(ଗ) ‘ବାରମ୍ବାର ଯାଆଁଳ ଛଡା ଓ ବାରମ୍ବାର ମାଛ ଧରା’: ଏହି ପଦ୍ଧତି ବର୍ଷଯାକ ୧.୫ ରୁ ୨.୫ ମି. ପାଣି ରହୁଥିବା ପୋଖରୀ ପାଇଁ ଉଦ୍ଦିଷ୍ଟ । ଏହା ପାଇଁ ଅନ୍ୟ ଏକ ଛୋଟ ପୋଖରୀ ଦରକାର ଯେଉଁଥିରେ ବର୍ଷଯାକ ଯାଆଁଳ ରଖାଯାଇ ପାରିବ । ଏକର ପ୍ରତି (୩୦୦୦-୪୦୦୦) ଅଙ୍ଗୁଳିକା ଜାଆଁଳ ଛଡାଯାଏ । ୬ ମାସ ପରେ ପୋଖରୀରେ ପାଖାପାଖି ୮୦% ମାଛ ରହିଥାଏ, ଯାହାକୁ ‘ଖ’ ପ୍ରଣାଳୀ ପରି ପ୍ରତି ଏକ ମାସ ବା ଦୁଇ ମାସ ବ୍ୟବଧାନରେ ଧରାଯାଏ । ପ୍ରତ୍ୟେକ ଥର ଯେତେ ମାଛ ଧରାଯିବ ତା’ର ୫/୪ ଗୁଣ ଜାଆଁଳ ଛୋଟ ଜାଆଁଳ ପୋଖରୀରୁ ଆଣି ଛଡାଯାଏ । ଏହି ପଦ୍ଧତିରେ ପୋଖରୀରେ ମାଛ ଶୀଘ୍ର ବଢିଥାଏ ଓ ପ୍ରତ୍ୟେକ ମାସେ ବା ଦୁଇମାସ ଅନ୍ତରରେ ବଡ ମାଛ ଧରି ହୁଏ ।

**ଖାଦ୍ୟର ପ୍ରକାର ଓ ଦୈନିକ ଖାଦ୍ୟ ପରିମାଣ:**

- ସମାନ ଅନୁପାତର କୁଣ୍ଡା (ଧାନ ବା ଗହମ) ଓ ପିଡିଆ (ବାଦାମ ବା ସୋରିଷ) ମିଶାଇ ଖାଦ୍ୟ ରୂପେ ବ୍ୟବହାର କରାଯାଏ ।
- ବ୍ୟବସାୟିକ ବୁଡା ଖାଦ୍ୟ ବା ଭସାଖାଦ୍ୟ ମଧ୍ୟ ବ୍ୟବହାର କରାଯାଇପାରିବ ।

**ଦୈନିକ ଖାଦ୍ୟର ହିସାବ:**

ମାଛ ଚାଷର ୧-୨ ମାସ, ୩-୪ ମାସ, ୫-୬ ମାସ ଓ ୬ ମାସ ପରେ ପୋଖରୀରେ ଥିବା ମାଛ ଓଜନର ଯଥାକ୍ରମେ ୪-୩%, ୩-୨%, ୨% ଓ ୧% ହିସାବରେ ପୋଖରୀରେ ଖାଦ୍ୟ ଦିଆଯାଏ । ପ୍ରତ୍ୟେକ ମାସ ଜାଲ ପକାଇ ସବୁ ଜାତିର ୨୦ ରୁ ୨୫ ଟି ମାଛ ଧରି ହାରାହାରି ଓଜନ ଯାଞ୍ଚ କରାଯାଏ । ଛାଡିଥିବା ଜାଆଁଳର ଶତକଡା ୮୦ ଭାଗ ସଂଖ୍ୟାକୁ ଧରି ହାରାହାରି ମାଛ ଓଜନ ସହ ଗୁଣି ପୋଖରୀ ଥିବା ସବୁ ମାଛର ଓଜନ ଅନୁମାନିକ ନିର୍ଣ୍ଣୟ କରାଯାଏ । ମାଛ ଓଜନର ଉପରଲିଖିତ ଅନୁପାତରେ ଦୈନିକ ଖାଦ୍ୟ ପରିମାଣ ଧାର୍ଯ୍ୟ କରାଯାଏ ।

**ଖାଦ୍ୟ ପିରଚାଳନା:**

ସାଧାରଣତଃ କୁଣ୍ଡା ଓ ପିଡିଆର ମିଶ୍ରଣ ଛୋଟ ଛୋଟ ଥଳିରେ ଦିଆଯାଏ । ଏହି ଥଳିରେ ତଳ ଭାଗରେ ଦୁଇପାଖରେ ୫ ମି.ମି. ଆକାରର ୩-୪ଟି କଣା କରାଯାଏ । ପ୍ରତି ଥଳିରେ ଅତି କମ୍‌ରେ ୩-୪ କି.ଗ୍ରା ଖାଦ୍ୟ ରଖି ଥଳିଟିକୁ ଗୋଟିଏ ବାଉଁଶ ଖମ୍ବରେ ପାଣି ଉପର ୧ ଫୁଟ ଭିତରେ ଝୁଲାଇ ଦିଆଯାଏ । ପୋଖରୀରେ ଦରକାର ହେଉଥିବା ଖାଦ୍ୟ ପରିମାଣ ଅନୁସାରେ ଥଳି ସଂଖ୍ୟା ଠିକ୍ କରାଯାଏ ଓ ଥଳି ଗୁଡିକୁ ସମାନ ଭାବରେ ପୋଖରୀରେ ବାଣ୍ଟିକରି ରଖାଯାଏ । ଖାଦ୍ୟ ଦେବାର ୨ ରୁ ୩ ଘଣ୍ଟା ପରେ ଥଳିରେ ଖାଦ୍ୟ ରହିଯାଇଥିଲେ ପରଦିନର ଖାଦ୍ୟ ସାମାନ୍ୟ କମ କରାଯାଇଥାଏ । ଅପର ପକ୍ଷେ ଖାଦ୍ୟ ସରିଥିଲେ ପରଦିନ ଖାଦ୍ୟ ପରିମାଣ ବଢାଯାଏ । ଖାଦ୍ୟ ଦିଆଯାଉଥିବା ଜାଗାରେ ତଳ ମାଟିରେ ପ୍ରତ୍ୟେକ ୧୫ ଦିନରେ ଥରେ ଚୂନ ପକାଗଲେ ସେହି ଅଞ୍ଚଳ ସଫା ରହେ । ସମୟ ବ୍ୟବଧାନରେ ଖାଦ୍ୟ ଦିଆ ଜାଗାର ପରିବର୍ତ୍ତନ କରିବା ଉଚିତ୍ । ଭସା ଖାଦ୍ୟ ଦେଲେ ମାଛ ଖାଇବା ଅନୁସାରେ ପରିମାଣର ପରିବର୍ତ୍ତନ କରାଯାଏ । ଏହା ଦ୍ୱାରା ଖାଦ୍ୟ ନଷ୍ଟ ହେବାର ସମ୍ଭାବନା କମିଯାଏ ।

**ମାଛ ସ୍ୱାସ୍ଥ୍ୟ ପରୀକ୍ଷା:**

ପ୍ରତ୍ୟେକ ମାସ ମାଛ ଧରାଯାଇ ଓଜନ ଦେଖାଯାଏ । ସେହି ସମୟରେ ମାଛ ଦେହରେ କୌଣସି ଘାଆ, ଦାଗ ବା ପରଜୀବି ଥିଲେ ମତ୍ସ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ତାର ନିରାକରଣ ବ୍ୟବସ୍ଥା କରାଯିବା ଉଚିତ ।

**ପୋଖରୀ ପରିଚାଳନାରେ କେତେକ ଜାଣିବା କଥା:**

ମେଘୁଆ ବା କୁହୁଡିଆ ପାଗରେ ମାଛ ରାତି ବା ଭୋର ସମୟରେ ପୋଖରୀର ଉପରସ୍ତରକୁ ଆସି ପାକୁପାକୁ କରନ୍ତି । ପୋଖରୀରେ ଅମ୍ଳଜାନ କମ୍ ହେଲେ ଏପରି ହୋଇଥାଏ ଓ ତୁରନ୍ତ ଅମ୍ଳଜାନ ବଢାଇବାର ବ୍ୟବସ୍ଥା କରାଯିବା ଉଚିତ୍ । ସାଧାରଣତଃ ଗୋଟିଏ ପାଣି ପମ୍ପ ଆଣି ପୋଖରୀର ପାଣିକୁ ଚଳାଇ ସେହି ପୋଖରୀରେ ପକାଇଲେ ପାଣିର ଅମ୍ଳଜାନ ବଢିଯାଏ । ଖାଦ୍ୟ ପାଇଁ ଖର୍ଚ୍ଚ ମାଛ ଚାଷର ଏକ ପ୍ରଧାନ ଖର୍ଚ୍ଚ । ତେଣୁ ଖାଦ୍ୟ ନଷ୍ଟ ହେଲେ ଖର୍ଚ୍ଚ ଅଧିକତ ହୋଇଥାଏ । ତା’ ସଙ୍ଗେ ନଷ୍ଟ ଖାଦ୍ୟ ପୋଖରୀ ପାଣିକୁ ମଧ୍ୟ ନଷ୍ଟ କରି ମାଛ ବଢିବାରେ ବାଧା ସୃଷ୍ଟି କରେ । ମେଘୁଆ ପାଗ ବା ଶୀତଦିନେ କାର୍ପ ମାଛ କମ୍ ଖାଦ୍ୟ ଖାଆନ୍ତି । ସେହି ଅନୁସାରେ ଦୈନିକ ଖାଦ୍ୟ ପରିମାଣ ପରିବର୍ତ୍ତନ କରାଯାଇଥାଏ । ହଠାତ୍ ଖରାହେଲେ ପୋଖରୀ ତଳୁ ନେଳୀସ୍ତର ଗୁଡିକ ଉଠି ମେଞ୍ଚା ମେଞ୍ଚା ହୋଇ ଉପରେ ଭାସିଥାଏ ଓ ପବନଦ୍ୱାରା ପୋଖରୀର ଏକ ପାଖକୁ ଭାସି ଯାଇ ସେହି ଅଂଶକୁ ଖରାପ କରିଥାଏ । ଏହା ହେଲେ ସେହି ନେଳୀ ଗୁଡିକ ଉପରେ ଚୂନ ପକାଇଲେ ତାହା ଶୀଘ୍ର ସଢି ଯାଏ ଓ ଉପର ପାଣିସ୍ତରକୁ ସାର ଯୋଗାଇଥାଏ । ବର୍ଷାଦିନ ଆଗରୁ ପୋଖରୀରେ ଥରେ ଚୂନ ପକାଇବା ନିହାତି ଆବଶ୍ୟକ । ଏହା ବର୍ଷାପରେ ପୋଖରୀ ପାଣିର କ୍ଷାରତା ଠିକ୍ ରଖିବାରେ ସାହାଯ୍ୟ କରିଥାଏ ।

© copyright all rights reserved. ICAR-CIFA 2016

**ସୂଚନା ନିମନ୍ତେ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:**

ନିର୍ଦ୍ଦେଶକ, ଭା.କୃ.ଅନୁ.ପ.- କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା
ପୋଷ୍ଟ-କୌଶଲ୍ୟାଗଙ୍ଗ, ଭୁବନେଶ୍ୱର-୭୫୧ ୦୦୨, ଓଡିଶା, ଭାରତ
ଦୂରଭାଷା :୯୧-୬୭୪-୨୪୬୫୪୨୧, -୨୪୬୫୪୪, -୨୪୬୫୪୦୨
ଫ୍ୟାକ୍ସ :୯୧-୬୭୪-୨୪୬୫୪୦୭
ଇ.ମେଲ: director.cifa@icar.gov.in, ୱେବସାଇଟ୍: www.cifa.in

ପ୍ରସ୍ତୁତି
**ଡ. ପ୍ରତାପ ଚନ୍ଦ୍ର ଦାସ,** ପ୍ରଧାନ ବୈଜ୍ଞାନିକ
**ଡ. ସୁହାସ ପ୍ରକାଶ କାମ୍ବଲେ,** ବୈଜ୍ଞାନିକ
ପ୍ରକାଶକ
**ଡ. ପି. ଜୟଶଙ୍କର,** ନିର୍ଦ୍ଦେଶକ